AMRITA VISHWA VIDYAPEETHAM
DEEMED TO BE UNIVERSITY

# ଅମ୍ରିତା ବିଶ୍ୱ ବିଦ୍ୟାପୀଠମରେ ନୂଆ ଉଦ୍ଭାବନ ଏନ୍‌୯୬ ନାନୋ ମାସ୍କ

**ଭୁବନେଶ୍ୱର,୩୦।୩/ଏନ୍‌ଏନ୍‌ଏସ୍:** ଅମ୍ରିତା ବିଶ୍ୱ ବିଦ୍ୟାପୀଠମର ସେଣ୍ଟର ଫର ନାନୋସାଇନ୍‌ସ ଓ ମୋଲେକ୍ୟୁଲାର ମେଡିସିନର ବୈଜ୍ଞାନିକମାନେ ନାନୋଟେକ୍‌ନୋଲୋଜି ଆଧାରିତ ଏକ ସ୍ୱତନ୍ତ୍ର ତିନି-ପ୍ଲାଏ ଏନ୍‌୯୬ ନାନୋ ମାସ୍କର ଶୁଭାରମ୍ଭ କରିଛନ୍ତି । ଏହା ମୂଲ୍ୟ ଉପଯୋଗୀ ଓ ପାରମ୍ପରିକ ଏନ୍‌୯୬ ତଥା ସର୍ଜିକାଲ୍ ମାସ୍କ ତୁଳନାରେ ଉନ୍ନତ ଫିଲଟରେସନ ତଥା ନିଶ୍ୱାସ ପ୍ରଶ୍ୱାସ ପାଇଁ ସୁବିଧା ପ୍ରଦାନ କରେ । ଅମ୍ରିତା ଏନ୯୬ ନାନୋ ମାସ୍କର ମୂଲ୍ୟ ଟ.୨୦୦ ରୁ କମ୍, ଏବଂ ଏହାକୁ ପୁନଃବ୍ୟବହାର ପାଇଁ ୩୦ ଥର ପର୍ଯ୍ୟନ୍ତ ଧୂଆ ଯାଇପାରିବ । ଏହା ଦୀର୍ଘସ୍ଥାୟୀ, ତ୍ୱଚା ପାଇଁ ଉପଯୋଗୀ ଓ ଗନ୍ଧମୁକ୍ତ ଏବଂ ଦୀର୍ଘ ସମୟ ପିନ୍ଧିବା ନିମନ୍ତେ ଆରାମଦାୟକ ଅଟେ । ଏହାର କପଡ଼ା ନିଶ୍ୱାସ ପ୍ରଶ୍ୱାସ ନେବା ପାଇଁ ଆରାମଦାୟକ ଓ ଏହା ସହିତ ଏହା କ୍ଷତିକାରକ ମାଇକ୍ରୋବ୍‌ସ ରୁ ୧୦୦% ସୁରକ୍ଷା ପ୍ରଦାନ କରିଥାଏ । ଅନ୍ୟ କୌଣସି ପ୍ରକାର ମାସ୍କରେ ଏପରି ନିଶ୍ୱାସପ୍ରଶ୍ୱାସ ଗ୍ରହଣର ସୁଗମତା (ଲେଭଲ୍ ୨) ସର୍ବାଧିକ ସୁରକ୍ଷା (୯୯.୯%) ପ୍ରାୟତଃ ଉପଲବ୍ଧ ନଥାଏ । ଅମ୍ରିତା ବିଶ୍ୱବିଦ୍ୟାପୀଠମ୍ ଏହି ଟେକ୍‌ନୋଲୋଜି ଲାଇସେନ୍‌ସ ଅଧୀନରେ ଅଧିକ ଉତ୍ପାଦନ ନିମନ୍ତେ ପ୍ରଦାନ କରୁଛି ଯଦ୍ୱାରା ଏହାର ମୁଲ୍ୟକୁ କମ୍ କରାଯାଇପାରିବ । ଅମ୍ରିତା ଏନ୍‌୯୬ ନାନୋ ମାସ୍କ ରେ ରହିଛି ନାନୋ-ଲେୟାରଯୁକ୍ତ ଫିଲ୍‌ଟର ଯାହାକୁ ଲ୍ୟାବରେ ପରୀକ୍ଷା କରାଯାଇଛି । ଏହା ୯୯.୯% ବ୍ୟାକ୍ଟେରିଆଲ୍ ଓ ଭାଇରସ ଏରୋସୋଲ୍ ଫିଲ୍‌ଟରେସନ ସୁବିଧା ପ୍ରଦାନ କରେ ତଥା ୩ ମାଇକ୍ରନରୁ ଅଧିକ ୯୬% ପାର୍ଟିକିଲ୍ ଫିଲଟରେସନ କରିଥାଏ । ଡା. ଶାନ୍ତିକୁମାର ନାୟର, ଡିନ୍ (ରିସର୍ଚ୍ଚ), ଅମ୍ରିତା·ବିଶ୍ୱ ବିଦ୍ୟାପୀଠମ କହିଛନ୍ତି ଯେ, "ଅମ୍ରିତା ଏନ୍‌୯୬ ନାନୋ ମାସ୍କ ପାରମ୍ପରିକ ସର୍ଜିକାଲ୍ ଓ ଏନ୍‌୯୫ ମାସ୍କ ଠାରୁ ବହୁତ ଉନ୍ନତ । ଏହା ପିନ୍ଧିବା ପାଇଁ ଆରାମଦାୟକ ଓ ନାନୋଟେକ୍‌ନୋଲୋଜିରେ ପ୍ରସ୍ତୁତ ।

Nitidin - Bhubaneshwar March 31, 2021